This Booklet contains **20** printed pages.
इस पुस्तिका में **20** मुद्रित पृष्ठ हैं।

# AK14I

**Test Booklet No.**
**परीक्षा पुस्तिका संख्या**

## PAPER—I / प्रश्न-पत्र—I

## ODIA LANGUAGE SUPPLEMENT / उड़िया भाषा परिशिष्ट

## PART—IV & V / भाग—IV & V

**Test Booklet Code**
**परीक्षा पुस्तिका संकेत**

**K**

Do not open this Test Booklet until you are asked to do so.
इस परीक्षा पुस्तिका को तब तक न खोलें जब तक कहा न जाए।
Read carefully the Instructions on the Back Cover (Pages 19 & 20) of this Test Booklet.
इस परीक्षा पुस्तिका के पिछले आवरण (पृष्ठ 19 व 20) पर दिए गए निर्देशों को ध्यान से पढ़ें।
**For Instructions in Odia see Page 2 of this Booklet.**
**उड़िआ में निर्देशों के लिए इस पुस्तिका का पृष्ठ 2 देखें।**

### *Instructions for Candidates :*

1. This booklet is a supplement to the Main Test Booklet for those candidates who wish to answer **EITHER** Part—IV (Language—I) **OR** Part—V (Language—II) in **ODIA** language, but **NOT BOTH**.
2. Candidates are required to answer Parts—I, II, III from the Main Test Booklet and Parts—IV and V from the languages chosen by them.
3. Questions on English and Hindi languages for Part—IV and Part—V have been given in the Main Test Booklet. Language Supplements can be asked for separately.
4. Use **Blue/Black Ballpoint Pen only** for writing particulars on this page/marking responses in the Answer Sheet.
5. The CODE for this Language Booklet is **K**. Make sure that the CODE printed on **Side-2** of the Answer Sheet and on your Main Test Booklet is the same as that on this Language Supplement Booklet. In case of discrepancy, the candidate should immediately report the matter to the Invigilator for replacement of the Language Supplement Test Booklet.
6. This Test Booklet has **Two** Parts—IV and V, consisting of **60** Objective-type Questions and each carrying 1 mark :

| | |
|---|---|
| Part-IV : Language-I (Odia) | (Q. Nos. 91–120) |
| Part-V : Language-II (Odia) | (Q. Nos. 121–150) |

7. Part-IV contains 30 questions for Language-I and Part-V contains 30 questions for Language-II. In this Test Booklet, only questions pertaining to Odia Language have been given. **In case the language(s) you have opted for as Language-I and/or Language-II is a language other than Odia, please ask for a Test Booklet that contains questions on that Language. The languages being answered must tally with the languages opted for in your Application Form.**
8. **Candidates are required to attempt questions in Part-V (Language-II) in a language other than the one chosen as Language-I (in Part-IV) from the list of languages.**
9. Rough work should be done only in the space provided in the Test Booklet for the same.
10. The answers are to be recorded on the OMR Answer Sheet only. Mark your responses carefully. No whitener is allowed for changing answers.

### *परीक्षार्थियों के लिए निर्देश :*

1. यह पुस्तिका मुख्य परीक्षा पुस्तिका की एक परिशिष्ट है, उन परीक्षार्थियों के लिए जो या तो भाग—IV (भाषा—I) या भाग—V (भाषा—II) उड़िआ भाषा में देना चाहते हैं, लेकिन **दोनों नहीं**।
2. परीक्षार्थी भाग—I, II, III के उत्तर मुख्य परीक्षा पुस्तिका से दें और भाग—IV व V के उत्तर उनके द्वारा चुनी भाषाओं से।
3. अंग्रेज़ी व हिन्दी भाषा पर प्रश्न मुख्य परीक्षा पुस्तिका में भाग—IV व भाग—V के अन्तर्गत दिए गए हैं। भाषा परिशिष्टों को आप अलग से माँग सकते हैं।
4. इस पृष्ठ पर विवरण अंकित करने एवं उत्तर-पत्र पर निशान लगाने के लिए केवल **नीले/काले बॉलपॉइंट पेन** का प्रयोग करें।
5. इस भाषा पुस्तिका का **संकेत K** है। यह सुनिश्चित कर लें कि इस भाषा परिशिष्ट पुस्तिका का संकेत, उत्तर-पत्र के **पृष्ठ-2** एवं मुख्य परीक्षा पुस्तिका पर छपे संकेत से मिलता है। अगर यह भिन्न हो, तो परीक्षार्थी दूसरी भाषा परिशिष्ट परीक्षा पुस्तिका लेने के लिए निरीक्षक को तुरन्त अवगत कराएँ।
6. इस परीक्षा पुस्तिका में **दो** भाग—IV और V हैं, जिनमें **60** वस्तुनिष्ठ प्रश्न हैं तथा प्रत्येक 1 अंक का है :

| | |
|---|---|
| भाग-IV : भाषा-I (उड़िआ) | (प्रश्न सं० 91–120) |
| भाग-V : भाषा-II (उड़िआ) | (प्रश्न सं० 121–150) |

7. भाग-IV में भाषा-I के लिए 30 प्रश्न और भाग-V में भाषा-II के लिए 30 प्रश्न दिए गए हैं। इस परीक्षा पुस्तिका में केवल उड़िआ भाषा से सम्बन्धित प्रश्न दिए गए हैं। **यदि भाषा-I और/या भाषा-II में आपके द्वारा चुनी गई भाषा(एँ) उड़िआ के अलावा है/हैं, तो कृपया उस भाषा वाली परीक्षा पुस्तिका माँग लें। जिन भाषाओं के प्रश्नों के उत्तर आप दे रहे हैं वह आवेदन पत्र में चुनी गई भाषाओं से अवश्य मेल खानी चाहिए।**
8. **परीक्षार्थी भाग-V (भाषा-II) के लिए, भाषा सूची से ऐसी भाषा चुनें जो उनके द्वारा भाषा-I (भाग-IV) में चुनी गई भाषा से भिन्न हो।**
9. रफ़ कार्य परीक्षा पुस्तिका में इस प्रयोजन के लिए दी गई ख़ाली जगह पर ही करें।
10. सभी उत्तर केवल OMR उत्तर-पत्र पर ही अंकित करें। अपने उत्तर ध्यानपूर्वक अंकित करें। उत्तर बदलने हेतु श्वेत रंजक का प्रयोग निषिद्ध है।

Name of the Candidate (in Capitals) : ______________________
परीक्षार्थी का नाम (बड़े अक्षरों में)

Roll Number (in figures) : ______________________
अनुक्रमांक (अंकों में)

(in words) : ______________________
(शब्दों में)

Centre of Examination (in Capitals) : ______________________
परीक्षा-केन्द्र (बड़े अक्षरों में)

Candidate's Signature : ______________________
परीक्षार्थी के हस्ताक्षर

Invigilator's Signature : ______________________
निरीक्षक के हस्ताक्षर

Facsimile signature stamp of Centre Superintendent ______________________

**14-I**

ଏହି ପୁସ୍ତକରେ **20** ପୃଷ୍ଠା ଅଛି ।

# AK14I

## ପ୍ରଶ୍ନପତ୍ର—I

## ଓଡ଼ିଆ ଭାଷା ପରିଶିଷ୍ଟ

## ଭାଗ—IV & V

ପରୀକ୍ଷା ପୁସ୍ତକ କୋଡ୍

**K**

ନିର୍ଦ୍ଦେଶ ନ ମିଳିବା ଯାଏ ଏହି ପ୍ରଶ୍ନପତ୍ର ଖୋଲନ୍ତୁ ନାହିଁ ।

ପ୍ରଶ୍ନପତ୍ରର ପଛପୃଷ୍ଠାରେ (ପୃଷ୍ଠା 19 & 20) ଦିଆଯାଇଥିବା ନିର୍ଦ୍ଦେଶସବୁକୁ ଭଲ ଭାବରେ ପଢ଼ ।

***ପରୀକ୍ଷାର୍ଥୀଙ୍କ ନିମନ୍ତେ ନିର୍ଦ୍ଦେଶାବଳୀ :***

1. ଏହି ପ୍ରଶ୍ନପତ୍ର ମୁଖ୍ୟ ପ୍ରଶ୍ନପତ୍ରର ଅତିରିକ୍ତ ପରିଶିଷ୍ଟ ଅଟେ । ଯେଉଁ ପରୀକ୍ଷାର୍ଥୀଗଣ ଭାଗ IV (ଭାଷା I) **ଅଥବା** ଭାଗ V (ଭାଷା II) ରେ **ଓଡ଼ିଆ** ଭାଷାରେ ପରୀକ୍ଷା ଦେବାକୁ ସ୍ଥିର କରିଛନ୍ତି, ସେହିମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ମାତ୍ର **ଦୁଇଟି ଭାଗ ପାଇଁ ନୁହେଁ** ।

2. ପରୀକ୍ଷାର୍ଥୀଗଣ ଭାଗ I, II, III ରେ ମୁଖ୍ୟ ପ୍ରଶ୍ନପତ୍ରରୁ ଉତ୍ତର ଦେବେ ଏବଂ ଭାଗ IV ଓ V ସେମାନଙ୍କ ପସନ୍ଦ ମୁତାବକ ଭାଷାରେ ଦେବେ ।

3. ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରଶ୍ନପତ୍ର ଭାଗ IV ଓ V (ମୁଖ୍ୟ ପ୍ରଶ୍ନପତ୍ର)ରେ ଦିଆଯାଇଛି । ଭାଷା ପରିଶିଷ୍ଟ ପାଇଁ ସ୍ୱତନ୍ତ୍ର ଭାବେ ପ୍ରଶ୍ନପତ୍ର ଦିଆଯିବ ।

4. **କେବଳ ନୀଳ କିମ୍ବା କଳା ବଲ୍ ପଏଣ୍ଟ ପେନ୍‌ରେ** ଉତ୍ତର ଲେଖିବା/ଚିହ୍ନିତ କରିବାରେ ବ୍ୟବହାର କରିବେ ।

5. ଏହି ପ୍ରଶ୍ନପତ୍ରର କୋଡ୍ ହେଉଛି **K**. ମୁଖ୍ୟ ପ୍ରଶ୍ନପତ୍ର ଉପର ଓ ଉତ୍ତର ଖାତାର **ପୃଷ୍ଠା–2** ସମାନ କୋଡ ରହିବା ନିଶ୍ଚିତ । ଭାଷା ପରିଶିଷ୍ଟର କୋଡ ମଧ୍ୟ ସମାନ ରହିବ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ, ପରୀକ୍ଷା ପରିଚାଳକଙ୍କ ଦୃଷ୍ଟି ଆକର୍ଷଣପୂର୍ବକ ପ୍ରଶ୍ନପତ୍ର ବଦଳାଇ ଦେବେ ।

6. ଏହି ପ୍ରଶ୍ନପତ୍ର 2 ଭାଗରେ ବିଭକ୍ତ, ଭାଗ IV ଓ V, ସମୁଦାୟ 60ଟି ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ ସମ୍ବଳିତ ଓ ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ 1 :

   | | |
   |---|---|
   | ଭାଗ—IV : ଭାଷା—I (ଓଡ଼ିଆ) | (ପ୍ରଶ୍ନ 91–120) |
   | ଭାଗ—V : ଭାଷା—II (ଓଡ଼ିଆ) | (ପ୍ରଶ୍ନ 121–150) |

7. ଭାଗ—IV (ଭାଷା—I) ରେ 30 ଟି ପ୍ରଶ୍ନ ଓ ଭାଗ—V (ଭାଷା—II) ରେ 30 ଟି ପ୍ରଶ୍ନ ରହିଛି । ଏହି ପରିଶିଷ୍ଟରେ କେବଳ ଓଡ଼ିଆ ଭାଷାରେ ପ୍ରଶ୍ନ ଦିଆଯାଇଛି । **ଯଦି କେହି ଓଡ଼ିଆ ଭାଷା I ଅଥବା ଭାଷା II ଭିନ୍ନ ଅନ୍ୟ ଭାଷାରେ ପ୍ରଶ୍ନପତ୍ର ଚାହୁଁଥିବେ, ସେହି ଭାଷାରେ ପ୍ରସ୍ତୁତ ପ୍ରଶ୍ନପତ୍ର ମାଗନ୍ତୁ । ଆବେଦନ ପତ୍ରରେ ଉଲ୍ଲେଖ କରିଥିବା ଭାଷାକୁ ହିଁ ଚୟନ ଭାଷାରୂପେ ବିବେଚନା କରାଯିବ ।**

8. **ଭାଗ—V (ଭାଷା—II) ରେ ଉତ୍ତର ଦେବା ପାଇଁ ଭାଗ IV (ଭାଷା I) ଭାଷା ଭିନ୍ନ ଅନ୍ୟ ଏକ ଭାଷା, ଯାହା ଚୟନ କରାଯାଇଥିବ ସେହି ଭାଷାରେ ପ୍ରଶ୍ନପତ୍ର ଦିଆଯିବ ।**

9. ପ୍ରଶ୍ନପତ୍ରରେ 'ରଫ କାର୍ଯ୍ୟ' ଲେଖାଯାଇଥିବା ସ୍ଥାନରେ ହିଁ କେବଳ ରଫ୍ କରାଯାଇ ପାରିବ ।

10. ଭଲଭାବରେ ଚିନ୍ତା କରି OMR ଉତ୍ତର ଖାତାରେ ଉତ୍ତର ଚିହ୍ନଟ କରନ୍ତୁ । ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ଅଥବା ଧଳା କାଳି ବ୍ୟବହୃତ ହେବ ନାହିଁ ।

ପରୀକ୍ଷାର୍ଥୀର ନାମ (ବଡ଼ ଅକ୍ଷରରେ ଲେଖନ୍ତୁ) : ____________________

ରୋଲ ନମ୍ବର (ଅଙ୍କରେ ଲେଖନ୍ତୁ) : ____________________

(ଶବ୍ଦରେ ଲେଖନ୍ତୁ) : ____________________

ପରୀକ୍ଷା କେନ୍ଦ୍ର (ବଡ଼ ଅକ୍ଷରରେ ଲେଖନ୍ତୁ) : ____________________

ପରୀକ୍ଷାର୍ଥୀର ହସ୍ତାକ୍ଷର : ____________________ ନିରୀକ୍ଷକଙ୍କର ହସ୍ତାକ୍ଷର : ____________________

Facsimile signature stamp of Centre Superintendent ____________________

**Candidates should answer questions from the following Part only if they have opted for ODIA as LANGUAGE—I**

# ଭାଗ—IV : ଭାଷା—I

## ଓଡ଼ିଆ

**ନିର୍ଦ୍ଦେଶାବଳୀ :** ନିମ୍ନ ପ୍ରଦତ୍ତ କବିତାଂଶଟି ପଢ଼ ଏବଂ ଦିଆଯାଇଥିବା ପ୍ରଶ୍ନ **(91** ରୁ **96)**ଗୁଡ଼ିକର 4ଟି ଲେଖାଁ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଯଥାର୍ଥ ଉତ୍ତରଟି ଚୟନ କର :

ମଧୁର ପ୍ରଦୋଷ ସମୟ,
ସ୍ୱର୍ଣ୍ଣକିରଣ-ବୋଳା,
କାଦମ୍ବିନୀ ଖେଳେ ଗଗନେ,
ଧୀର ସମୀର ଲୋଳା।
ଗୋଧୂଳି ଗଗନେ ସୁଚିତ୍ର
ଦିଶେ ଶତ ବରଣେ,
ଶତ ମନୋରଥ ଝଲକେ
ଯେହ୍ନେ ଆଶା-କାନନେ।
କଇଁସାରି ଲତା-ଶ୍ୟାମଳ
ବାଲିସ୍ତୁପର ଛାୟା,
ଦିବା ଅବସାନ ଦେଖିଣ
କ୍ରମେ ବିସ୍ତାରେ କାୟା।
ବାରୁଣୀ ଦର୍ପଣ ପରାୟେ
ଝରେ ସର ସଳିଳ,
ସୁବର୍ଣ୍ଣ-ଲହରୀ ସୃଜଇ
ତହିଁ ମନ୍ଦ ଅନିଳ।
ନୀଳ ପାରାବାର ଅଦୂରେ
ଗାଏ ଅମର ଗୀତ,
ଅମର-ତରଙ୍ଗ-ନର୍ତ୍ତନେ
ବେଳା ହୁଏ ଧ୍ୱନିତ।

**91.** ଅମର ଗୀତ କିଏ ଗାଏ ?

(1) ନୀଳ ପାରାବାର

(2) ସୁବର୍ଣ୍ଣ ଲହରୀ

(3) କାଦମ୍ବିନୀ

(4) କଇଁସାରି ଲତା

**92.** 'ଆଶା-କାନନ' କେଉଁ ଅଳଙ୍କାର ?

(1) ବାରୁଣୀ ଦର୍ପଣରେ

(2) ରୂପକ ଅଳଙ୍କାର

(3) ଅନୁପ୍ରାସ ଅଳଙ୍କାର

(4) ଉତ୍ପ୍ରେକ୍ଷା ଅଳଙ୍କାର

**93.** 'ପ୍ରଦୋଷ' ଶବ୍ଦର ଅର୍ଥ କ'ଣ ?

(1) ସଂଧ୍ୟା

(2) ପାହାନ୍ତି

(3) ସକାଳ

(4) ରାତି

**94.** କାଦମ୍ବିନୀ କେଉଁଠି ଖେଳେ ?

(1) ବାରୁଣୀ ଦର୍ପଣରେ

(2) ସୁବର୍ଣ୍ଣ ଲହରୀରେ

(3) ଗଗନରେ

(4) ମେଘରେ

**95.** 'କାୟା' ଶବ୍ଦର ଅର୍ଥ କ'ଣ ?

(1) ପବନ

(2) ମେଘ

(3) ଶରୀର

(4) ସୂର୍ଯ୍ୟ

**96.** ଅମର-ତରଙ୍ଗ-ନର୍ତ୍ତନରେ କ'ଣ ହୁଏ ?

(1) ବେଳା ଧ୍ୱନିତ ହୁଏ

(2) ଦିବା ଅବସାନ ହୁଏ

(3) ସର ସଳିଳ ଝରେ

(4) ମନ୍ଦ ଅନିଳ ବହେ

ନିର୍ଦ୍ଦେଶାବଳୀ : ପ୍ରତ୍ୟେକ ପ୍ରଶ୍ନର ଚାରୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଯଥାର୍ଥ ଉତ୍ତରଟି ଚୟନ କର ପ୍ରଶ୍ନ (**97** ରୁ **111**) :

**97.** ଗୋଟିଏ ପ୍ରଶ୍ନର ଏକ ସଂକ୍ଷିପ୍ତ ପରିଚ୍ଛେଦରେ କେତେକ ଶବ୍ଦ ଛାଡ଼ି ହୋଇ ଯାଇଛି। ଉତ୍ତରଦାତାଜଣକ ନିଜର ପଠନ ଏବଂ —— ପରୀକ୍ଷା ପାଇଁ ଉପଯୁକ୍ତ ଶବ୍ଦ ଚୟନ କରି ଶୂନ୍ୟସ୍ଥାନ ପୂରଣ କରିବା ଉଚିତ।

(1) ନୂତନ ଶବ୍ଦ ବ୍ୟବହାର

(2) ସଂକ୍ଷେପରେ ସାରକଥା

(3) ଶବ୍ଦର ବନାନ

(4) ବୋଧଶକ୍ତି

**98.** କେଉଁଟି ପଠନବୋଧମୂଳକ ପ୍ରଶ୍ନ ?

(1) କେଉଁ ଭାରତୀୟ କବି ନୋବେଲ ପୁରସ୍କାର ପାଇଛନ୍ତି ?

(2) କୀରଣ ଦେଶାଇଙ୍କ ଅନ୍ୟ କେଉଁ ପୁସ୍ତକ ପଢ଼ିଛ ?

(3) ନିଜର ଏକ ବାକ୍ୟ ମଧ୍ୟରେ 'ଗ୍ରହଣ'ର ବ୍ୟବହାର ଦର୍ଶାଅ

(4) 'ହୋଟେଲ'ର ଉଚ୍ଚାରଣ ପରୀକ୍ଷାକର

**99.** କ୍ରେୟନ ବ୍ୟବହାର ଚିତ୍ର କରିବା, ବୃତ୍ତ ଆଙ୍କିବା ଏବଂ ଅନ୍ୟ ମୌଳିକ ଛବି ପ୍ରସ୍ତୁତ ଆଦି କାମ ପାଇଁ ଛାତ୍ର ବା ଛାତ୍ରୀଜଣକ ଅର୍ଥ ବୁଝି ଲେଖିବା ପାଇଁ ପ୍ରଥମେ ସଠିକ୍ —— କୌଶଳ ବୃଦ୍ଧି କରିବା ଉଚିତ।

(1) ଆବେଗିକ

(2) ଜୀବନଧାରଣ

(3) ଚିନ୍ତନ ଦକ୍ଷତା

(4) ମୋଟର

**100.** ବନ୍ଧୁତ୍ୱପୂର୍ଣ୍ଣ ଚିଠି ଲେଖିବାବେଳେ ବିଦ୍ୟାର୍ଥୀ କେତେକ ବିଷୟରେ ଅବଗତ ରହିବା ଉଚିତ ଯଥା

(1) ଅନ୍ୟ ପାଖରେ ସଠିକ୍ ଭାବେ ଉପସ୍ଥାପନ କରିବା, ସଂକ୍ଷେପୀକରଣ ସୂଚୀ ବ୍ୟବହାର କରିବା, ଉପଯୁକ୍ତ ଫର୍ମାଟର ବ୍ୟବହାର କରିବା

(2) ବ୍ୟକ୍ତିଗତ କୌଣସି ଫର୍ମାଟ ବ୍ୟବହାର ନକରିବା

(3) କିଛି ଫର୍ମାଟ, ବ୍ୟକ୍ତିଗତ ଅନୁଭୂତି, ସଂକ୍ଷେପୀକରଣ ସୂଚୀର ବ୍ୟବହାର

(4) ବ୍ୟକ୍ତିଗତ ଅନୁଭୂତି ଠାରୁ ଦୂରରେ ରହିବା, ଠିକ୍ ଫର୍ମାଟ ବ୍ୟବହାର କରିବା

**101.** ଭାଷାର ଉଚ୍ଚାରଣଗତ ନିୟମକୁ ମାନି କଥାବାର୍ତ୍ତା କଲାବେଳେ ଏବଂ ଛାତ୍ରଛାତ୍ରୀଗଣ କୌଣସି ଏକ ଭାଷା ଅଧ୍ୟୟନବେଳେ ଆତ୍ମପ୍ରତ୍ୟୟ ହରାଇ ବସିଥାନ୍ତି। ଏଥିରୁ ମୁକ୍ତ ହେବାର ଏକ ଉପାୟ ହେଉଛି

(1) କ୍ଲାସରୁମରେ ଭାବ ବିନିମୟ ପାଇଁ ଖେଳ ମାଧ୍ୟମରେ ଶିକ୍ଷା କାର୍ଯ୍ୟକ୍ରମକୁ ସ୍ଥାନ ଦେବା

(2) ଜଣେ ଶିକ୍ଷକଙ୍କ ମାଧ୍ୟମରେ ସ୍ୱତନ୍ତ୍ର ସ୍ପିଚଥେରାପି ବା କଥନସୁଧାର ପଦ୍ଧତିର ବ୍ୟବହାର କରିବା

(3) ଭ୍ରମ ସଂଶୋଧନ କରିବା

(4) କ୍ଲାସ୍‌ରେ ପିଲାମାନେ ଉଚ୍ଚସ୍ୱରରେ ପଠନ କରିବା

**102.** କବିତାର ଏକ ଧାଡ଼ି ଏଠାରେ ପ୍ରଦତ୍ତ ହୋଇଛି। ଏଥିରେ କେଉଁ ଶବ୍ଦଟି ଛାଡ଼ି ହୋଇ ଯାଇଛି ଅନୁମାନ କରି ଶୂନ୍ୟସ୍ଥାନ ପୂରଣ କର।

"କେତେ ଲୋକ ଟଙ୍କା ପଇସା ଦେଇ, ଯାଆନ୍ତି —— ଜିନିଷ ନେଇ।"

(1) ଦୋମିଶା

(2) ବିଲାତୀ

(3) ସ୍ୱଦେଶୀ

(4) ଦେଶୀ

**103.** ଏମିତି ଏକ ସମୟ ଆସେ ଯେତେବେଳେ ପିଲାଟି ଅନ୍ୟମାନଙ୍କ ଅପେକ୍ଷା ଅତି ସହଜରେ ଏକ ଭାଷାକୁ ଆୟତ୍ତ କରିଥାଏ

(1) 8 ବର୍ଷ ବୟସ ପୂର୍ବରୁ

(2) 8 ବର୍ଷ ବୟସ ପରେ

(3) 10 ବର୍ଷ ବୟସ ପୂର୍ବରୁ

(4) 13 ବର୍ଷ ବୟସ ପରେ

**104.** ମାଧ୍ୟମଟି ବାଛ : ବିଦ୍ୟାର୍ଥୀମାନଙ୍କ ପାଇଁ ଅତି ଅଧିକ ତଥ୍ୟ ଦେଇ ଅଧିକ ବିଷୟର ମାନ ବୃଦ୍ଧି କରାଯାଇପାରେନା ।

(1) ବୈଦ୍ୟୁତିନ ଯନ୍ତ୍ର

(2) ସିଧାସଳଖ ପ୍ରଦର୍ଶନ/ଦୃଷ୍ଟାନ୍ତ ପ୍ରଦର୍ଶନ

(3) ଓଭରହେଡ ପ୍ରୋଜେକ୍ଟରର ସ୍ୱଚ୍ଛ ପ୍ରଦର୍ଶନ/ସ୍ଲାଇଡ ପ୍ରଦର୍ଶନ

(4) କାଗଜ

**105.** ଏକ ବହୁଭାଷିକ ଶ୍ରେଣୀକକ୍ଷରେ ବିଦ୍ୟାର୍ଥୀଗଣ ଗୋଟିଏ ମାତ୍ର ଭାଷା ଶିଖିଥାନ୍ତି .

(1) ସାମୟିକଭାବେ ଦଳ ଦଳ କରି ବିଦ୍ୟାର୍ଥୀମାନଙ୍କୁ ସେହି ଏକାଭାଷାକୁ ବୁଝାଇବା ଦ୍ୱାରା ଅଧିକ ଆହରଣ କରାଯାଇଥାଏ

(2) ଲକ୍ଷ୍ୟ-ଭାଷାରେ ଫଳପ୍ରଦ ଯୋଗାଯୋଗ ପାଇଁ ଅନ୍ୟ ଯେକୌଣସି ଭାଷାର କଥାବାର୍ତ୍ତାକୁ ହତାଦର କରାଯାଇଥାଏ

(3) ଠିକ୍ ଭାବେ ବୁଝି ନ ହେବାରୁ କ୍ଲାସ୍‌ଟି ଅନାକର୍ଷଣୀୟ ହୋଇଥାଏ

(4) ଲକ୍ଷ୍ୟ-ଭାଷାର ବ୍ୟବହାର ଓ ଭଲଭାବେ ବୁଝାଇବା ଦ୍ୱାରା କଥନଭଂଗୀର ବୈଚିତ୍ର୍ୟ ଏବଂ ବ୍ୟାକରଣଗତ ସୂଚନା ସମ୍ପର୍କରେ ସୁଯୋଗ ସୃଷ୍ଟି କରିଥାଏ ।

**106.** ଦ୍ୱିତୀୟ ଭାଷା/ବିଦେଶୀ ଭାଷାରେ ଜଣେ ଭାଷା ଶିକ୍ଷାର୍ଥୀର ପାରଙ୍ଗମତା ଲାଭ କରିବା ଦିଗଟିକୁ ଭାଷା ପରିବର୍ତ୍ତନ ବିଶେଷଭାବେ ପ୍ରଭାବିତ କରିଥାଏ । ଏହି ସମସ୍ୟାର ସମାଧାନ ସେତିକିବେଳେ ହୋଇଥାଏ ଯେତେବେଳେ ଜଣେ ଶିକ୍ଷକ

(1) ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ଓ ଅଧିକ ଆଲୋଚନା ପାଇଁ ଦଳଗତ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥାନ୍ତି

(2) ଅନ୍ୟଭାଷା ପ୍ରଶିକ୍ଷଣରେ ବିଦ୍ୟାର୍ଥୀମାନଙ୍କ ଅସୁବିଧାକୁ ଜାଣିବା ପାଇଁ ସାମୟିକ ଭାବେ ନିର୍ଣ୍ଣୟାତ୍ମକ ପରୀକ୍ଷାମାନ କରାଇଥାନ୍ତି

(3) ଅଧିକ ଜଟିଳ ବିଷୟ ଉପସ୍ଥାପନ କରି ପଠନ ସୋପାନକୁ ତୀବ୍ରତର କରିଥାନ୍ତି

(4) ପ୍ରଥମ ଭାଷାରେ ସାଧାରଣ ଭାଷାକୌଶଳର ଉନ୍ନତି ପାଇଁ ଏବଂ ଦ୍ୱିତୀୟ ଭାଷା ଶିକ୍ଷା ପାଇଁ ଏକ ଦୃଢ଼ ଚିନ୍ତନ ସ୍ତର ସୃଷ୍ଟି ଦିଗରେ ପ୍ରଶିକ୍ଷଣ କାର୍ଯ୍ୟଧାରାକୁ ଆପଣେଇ ଥାଆନ୍ତି

**107.** ଏକ କ୍ଲାସ୍‌ରେ ସମାନ କ୍ଷମତାସମ୍ପନ୍ନ ବିଦ୍ୟାର୍ଥୀ ନଥିଲେ ପଛେଇ ପଡ଼ିଥିବା ବିଦ୍ୟାର୍ଥୀମାନଙ୍କ ପାଇଁ ଶିକ୍ଷକ କେଉଁ ପଦକ୍ଷେପଟି ଗ୍ରହଣ କରିବା ଆବଶ୍ୟକ ?

(1) ଘରକୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ପାଠକୁ ସହଜରେ ଶେଷ କରିବା ପାଇଁ ନିଜ ପିତାମାତାଙ୍କ ସହିତ ଶିକ୍ଷକଙ୍କୁ ଭେଟିପାରିବେ

(2) ଛୋଟ ଛୋଟ ଶ୍ରେଣୀ ପ୍ରକଳ୍ପ ମାଧ୍ୟମରେ ବିଚାର ଆଲୋଚନା ପାଇଁ ଏକତ୍ର ହୋଇ ପାରିବେ, ସାମାଜିକ କୌଶଳ ସୃଷ୍ଟି କରି ପାରିବେ ଏବଂ ବଡ଼ବଡ଼ ଦଳଗତ କାର୍ଯ୍ୟକ୍ରମରେ ଭାଗନେଇ ପାରିବେ

(3) ଅନ୍ୟମାନଙ୍କ ସହିତ ତାଳଦେଇ ଉଠିବା ଏବଂ ମାର୍କରେ ଉନ୍ନତି ଆଣିବା ପାଇଁ ସ୍କୁଲ ଛୁଟି ପରେ ଅନୁଷ୍ଠିତ ହେଉଥିବା ସ୍ୱତନ୍ତ୍ର କ୍ଲାସ୍‌ରେ ଉପସ୍ଥିତ ହୋଇପାରିବେ

(4) ସମସ୍ୟାରେ ସମାଧାନ ପାଇଁ ନିଜ ଶ୍ରେଣୀଶିକ୍ଷକ ଏବଂ ମାନସିକ ଡାକ୍ତରଙ୍କୁ ସାମୟିକ ଭାବେ ସାକ୍ଷାତ କରିପାରିବେ

**108.** ସମୟେ ସମୟେ ପାଠ୍ୟକ୍ରମଭୁକ୍ତ ପ୍ରଶ୍ନଗୁଡ଼ିକ ନିମ୍ନମାନର କିମ୍ବା ତଥ୍ୟଭିତ୍ତିକ ହୋଇଥାଏ । ଏଠାରେ ଶିକ୍ଷକଜଣକ

(1) ଅତି ଅଳ୍ପ ପାଠ୍ୟପୁସ୍ତକ ବ୍ୟବହାର କରିଥାନ୍ତି

(2) ଅଧିକ ସାହିତ୍ୟିକ ପଠନ ସାମଗ୍ରୀ ବ୍ୟବହାର ପାଇଁ ଉପଦେଶ ଦେଇଥାନ୍ତି

(3) ସର୍ଜନାତ୍ମକ ଭାବନା ଏବଂ ସମସ୍ୟା ସମାଧାନକାରୀ କାର୍ଯ୍ୟାବଳୀ ଯୋଗାଇ ଦେଇଥାନ୍ତି

(4) ଜ୍ଞାନ ଆଧାରିତ ପାଠ୍ୟର ଡିଜାଇନ ପ୍ରସ୍ତୁତ କରନ୍ତି

**109.** ଏକ ଲିଖିତ ପାଠକୁ ମୌଖିକଭାବେ ଆଲୋଚନା କଲାବେଳେ ବନାନ ଯୋଗୁ, ବିଦେଶୀ ଭାଷା ଶିଖୁଥିବା ବିଦ୍ୟାର୍ଥୀଜଣକ ଅସୁବିଧାର ସମ୍ମୁଖୀନ ହୋଇଥାଏ
ଏହି ଅସୁବିଧାକୁ ଦୂର କରାଯାଇ ପାରିବ

(1) ଉଚ୍ଚାରଣ ସହିତ ବନାନ ସମସ୍ୟା ସୃଷ୍ଟିକାରୀ ଶବ୍ଦକୁ ବଡ଼ପାଟିରେ କହିବା ଦ୍ୱାରା

(2) ଶବ୍ଦ ପଠନ ଏବଂ ଉଚ୍ଚସ୍ୱରରେ ତାକୁ ଘୋଷିବା ସମୟରେ ସଠିକ୍ ଉଚ୍ଚାରଣ ପ୍ରତି ଧ୍ୟାନ ଦେବା ଦ୍ୱାରା

(3) ଶିକ୍ଷକଙ୍କ ଉଚ୍ଚାରଣକୁ ଅନୁକରଣ କରିବା ଦ୍ୱାରା

(4) ଅଭ୍ୟାସ ମାଧ୍ୟମରେ 'ସମସ୍ୟା' ସୃଷ୍ଟିକାରୀ ଶବ୍ଦକୁ ପଠନ ଦ୍ୱାରା

**110.** ଏକ ଭାଷା ପ୍ରଶିକ୍ଷଣ କ୍ଲାସ୍‌ରେ ବିଶେଷକରି ସ୍ୱତନ୍ତ୍ର ଦକ୍ଷତାସମ୍ପନ୍ନ ଛାତ୍ରମାନଙ୍କ ମଧ୍ୟରେ ଏକାତ୍ମବୋଧ, ସାଫଲ୍ୟ ଏବଂ ଆତ୍ମ-ନିର୍ଭରତା ଜନିତ ଭାବନାକୁ ଉନ୍ନୀତ କରାଯାଇପାରିବ

(1) ସେମାନଙ୍କ ଏକକ ଆବଶ୍ୟକତାକୁ ଲକ୍ଷ୍ୟରଖି ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ଦ୍ୱାରା

(2) ଅନ୍ୟ ସହପାଠୀମାନଙ୍କ ଠାରୁ ବିଚ୍ଛିନ୍ନ କରି ସେମାନଙ୍କୁ ଏକଜୁଟ କରି ମିଶାଇବା ଦ୍ୱାରା

(3) ବିଭିନ୍ନ ପ୍ରକାରର ପାଠ୍ୟବିଷୟକ ପୁସ୍ତକ ପ୍ରଦାନ ଦ୍ୱାରା

(4) ସମବାୟ ଶିକ୍ଷା, ସହଯୋଗ ଏବଂ ପାରସ୍ପରିକ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବା ଦ୍ୱାରା

**111.** ପାରମ୍ପରିକ ଭାଷାକ୍ଲାସ ହେଉଛି ଶିକ୍ଷକକେନ୍ଦ୍ରିକ ଓ ଆଧୁନିକ ଭାଷାକ୍ଲାସ ହେଉଛି ଛାତ୍ରକେନ୍ଦ୍ରିକ । ପ୍ରଥମଟିର ଏକ ବିଶେଷତ୍ୱ ହେଉଛି

(1) ଶିକ୍ଷକ ହିଁ ସ୍ୱତନ୍ତ୍ର ଧରଣର ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପରିଚାଳନା କରନ୍ତି ଏବଂ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ପାଇଁ ସୁଯୋଗ କରିଦିଅନ୍ତି

(2) ସବୁ ସମୟରେ ଶିକ୍ଷକ କଥିତ ଏବଂ ଲିଖିତ ଭାଷାର ମଡେଲ ପ୍ରଦର୍ଶନ କରନ୍ତି ଓ ଛାତ୍ରଛାତ୍ରୀଗଣ ସେସବୁକୁ ଲେଖି ରଖନ୍ତି

(3) ଶିକ୍ଷକ ହେଉଛନ୍ତି ଶିକ୍ଷାର ତତ୍ତ୍ୱାବଧାରକ ଏବଂ ସିଏ ନିଶ୍ଚିତ ହେବା ଉଚିତ ଯେ ତାଙ୍କ ଛାତ୍ରଛାତ୍ରୀଗଣ ବରାବର ସେମାନଙ୍କ କାର୍ଯ୍ୟଧାରାର ଫିଡ୍‌ବ୍ୟାକ ପାଇଛନ୍ତି

(4) କ୍ଲାସ ବାହାରେ ଛାତ୍ରଛାତ୍ରୀଗଣ ପଢ଼ିପାରନ୍ତି ଏବଂ ସାମୟିକୀ ଲିଖିତ ପରୀକ୍ଷା ଦେଇପାରନ୍ତି

**ନିର୍ଦ୍ଦେଶାବଳୀ :** ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼। **112** ରୁ **120** ପର୍ଯ୍ୟନ୍ତ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଚାରୋଟି ଲେଖାଁ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଯଥାର୍ଥ ଉତ୍ତରଟି ଚୟନ କର :

ମନୁଷ୍ୟର ଏକ ଦୋଷ ଏହି ଯେ, ସେ ଆତ୍ମ–ଦୋଷ ଓ ଆତ୍ମ–ଦୁର୍ବଳତା ବୁଝିପାରେ ନାହିଁ; କିନ୍ତୁ ପର–ଦୋଷ ଓ ପର–ଦୁର୍ବଳତା ଦେଖିପାରିବାରେ ସେ ଅତ୍ୟନ୍ତ ତତ୍ପର। ଗ୍ରୀକ୍ ଈଶପ୍ଙ୍କର ଗୋଟିଏ ଗଳ୍ପ ଏହି ଯେ—ପ୍ରତ୍ୟେକ ମନୁଷ୍ୟ ନିଜ କାନ୍ଧରେ ସବୁବେଳେ ଦୁଇଟି ଭାର ଆଗପଛ କରି ବହନ କରେ। ଆଗ ଭାରଟି ପର–ଦୋଷରେ ଓ ପଛ ଭାରଟି ଆତ୍ମ–ଦୋଷରେ ଭର୍ତ୍ତି ହୋଇଥାଏ। ପଛ ଭାରଟି ଚକ୍ଷୁର ଅନ୍ତରାଳରେ ରହିବାରୁ ସେ ଆତ୍ମ–ଦୋଷ ଦେଖିପାରେ ନାହିଁ; କିନ୍ତୁ ଆଗ ଭାରଟି ସବୁବେଳେ ଆଖିଆଗରେ ଥିବାରୁ ସେ କେବଳ ପରଦୋଷଗୁଡ଼ିକ ଦେଖିବାକୁ ପାଏ। ଆମ୍ଭମାନଙ୍କ ଦୈନନ୍ଦିନ ଜୀବନର ଗୋଟିଏ ଦିଗ ଏହି ରୂପକରେ ଅତ୍ୟନ୍ତ ସୁନ୍ଦର ଭାବରେ ପ୍ରକଟିତ ହୋଇଅଛି। କାରଣ ଏହା ସମସ୍ତଙ୍କର ଅନୁଭୂତି ଯେ, ସାଧାରଣତଃ ଲୋକେ ବିଚାରନ୍ତି, ସେମାନଙ୍କ ନିଜର କୌଣସି ଅପରାଧ ନାହିଁ,—ଜଗତର ଯେତେ ଅନ୍ୟାୟ ସବୁ ଅନ୍ୟମାନେ କରୁଛନ୍ତି।

ନିଜ ଦୋଷ–ଦୁର୍ବଳତାକୁ ନ ପାସୋରି ପରର ଅପରାଧକୁ ଦୟାକୁ ଭାବରେ ବିଚାର କରିବା ସମୀଚୀନ କଥା। ଅପରାଧକୁ ବିଚାର କଲାବେଳେ କରୁଣା ପ୍ରଦର୍ଶନ କଲେ, ସେଥିରେ ମନୁଷ୍ୟର ଦେବତ୍ୱ ବିକଶିତ ହୁଏ। ଏହା ସେକ୍ସପିଅର ତାଙ୍କର ଏକ ପ୍ରସିଦ୍ଧ ନାଟକରେ ସୁନ୍ଦର ଭାବରେ ବ୍ୟକ୍ତ କରିଅଛନ୍ତି। ପ୍ରତିହିଂସା ଓ ଶାସ୍ତି ଅପେକ୍ଷା କ୍ଷମା ଓ କରୁଣାରେ ଯେ ମନୁଷ୍ୟର ଦେବତ୍ୱ ବିକଶିତ ହୁଏ, ଏହା କେହି ଅସ୍ୱୀକାର କରିବେ ନାହିଁ। ଏକେତ ଭ୍ରମ–ପ୍ରମାଦ ସମସ୍ତଙ୍କ ଜୀବନରେ ଘଟେ। ତେଣୁ ଅନେକ କ୍ଷେତ୍ରରେ କ୍ଷମାଚରଣ କରିବା ଓ ଦଣ୍ଡ ଦେଲେ ମଧ୍ୟ ଅପରାଧୀ ପ୍ରତି ମାନବିକ ବ୍ୟବହାର କରିବା ଉଚିତ। ତା' ପରେ ଆହୁରି ବିଚାର କରିବାର କଥା ଏହି ଯେ, ଅନ୍ୟାୟ ଓ ଅପରାଧ ଅନେକ କ୍ଷେତ୍ରରେ ଅପରାଧୀର ଚିତ୍ତବୃତ୍ତି ଅପେକ୍ଷା ପାରିପାର୍ଶ୍ୱିକ ଘଟଣା ଉପରେ ଅଧିକ ନିର୍ଭର କରେ। ଦେଖାଯାଇଛି ଯେ, ଅନେକ ସାଧୁଲୋକ ମଧ୍ୟ ଅବସ୍ଥାଚକ୍ରରେ ଏପରି ଅନ୍ୟାୟ କରିଅଛନ୍ତି, ଯାହା ଭିନ୍ନ ଅବସ୍ଥାରେ ଥିଲେ ସେ କେବେହେଲେ କରିନଥାନ୍ତେ। ଦୁର୍ଭିକ୍ଷବେଳେ କ୍ଷୁଧାଯନ୍ତ୍ରଣା ସହ୍ୟ କରିନପାରି ମାଆ ପ୍ରାଣର ଶିଶୁକୁ ସାମାନ୍ୟ ଖାଦ୍ୟଲାଗି ବିକ୍ରୟ କରିଦେବାର ଓ ଆହାରବେଳେ ନିଜ ସନ୍ତାନମାନଙ୍କ ସଙ୍ଗେ କଳହ କରିବାର ଦେଖାଯାଇଛି। ଜୀବନର ଏ ପ୍ରକାର ସାଂଘାତିକ ଅବସ୍ଥାରେ ପଡ଼ିଲେ, ପ୍ରତ୍ୟେକ ମନୁଷ୍ୟ ଯେ ଏପରି ଜଘନ୍ୟ ଆଚରଣ କରିବେ, ଏଥିରେ ସନ୍ଦେହ ନାହିଁ। ଜୀବନରେ ଏପରି ଆହୁରି ନାନା ପ୍ରକାର ଘଟଣାଚକ୍ର ଅଛି, ଯେଉଁଥିରେ ଅନ୍ୟାୟ ଅପରାଧ କରିବା ବିଶେଷ ବିଚିତ୍ର କଥା ନୁହେଁ। ଏକେତ ମନୁଷ୍ୟ ଭ୍ରମପ୍ରବଣ, ତା'ପରେ ଭ୍ରମପ୍ରମାଦ ପାଇଁ ଜଗତରେ ପ୍ରଲୋଭନ ଓ ଉପାଦାନର ଅଭାବ ନାହିଁ। ଏସବୁ ଦୃଷ୍ଟିରୁ ମନୁଷ୍ୟ ପ୍ରତି କଠୋର ବ୍ୟବହାର ନ କରି ଅନୁକମ୍ପା ଓ କ୍ଷମା ଯେ ସର୍ବଥା ବିଧେୟ, ତାହା କେହି ଅସ୍ୱୀକାର କରିବେ ନାହିଁ।

**112.** ମନୁଷ୍ୟ କେଉଁଥିରେ ଅତ୍ୟନ୍ତ ତତ୍ପର ?

(1) ନିଜ ଅନୁଭୂତି ପ୍ରକାଶରେ

(2) ପାସୋରିବାରେ

(3) ପର–ଦୋଷ ଓ ପର–ଦୁର୍ବଳତା ଦେଖି ପାରିବାରେ

(4) ଆତ୍ମଦୋଷ ବୁଝିବାରେ

**113.** ଆଗ ଭାରଟି କେଉଁଠି ଥାଏ ?

(1) ଅପରାଧ ଭିତରେ

(2) ଆଖି ଆଗରେ

(3) ଚକ୍ଷୁର ଅନ୍ତରାଳରେ

(4) ଦୁର୍ବଳତା ଭିତରେ

**114.** କେଉଁଥିରେ ଦେବତ୍ୱ ବିକଶିତ ହୁଏ ?

(1) କ୍ଷମା ଓ କରୁଣାରେ

(2) ଦୟା ଯୋଗେ

(3) ଅପରାଧ ନକରିବାରେ

(4) ଦଣ୍ଡ ବିଧାନରେ

**115.** ଅବସ୍ଥା ଚକ୍ରରେ କିଏ ଅନ୍ୟାୟ କରନ୍ତି ?

(1) ଅପରାଧୀମାନେ

(2) ଅନେକ ସାଧୁଲୋକ

(3) ଆତ୍ମଦୋଷୀମାନେ

(4) ଅନେକ ସାଧାରଣ ଲୋକ

**116.** ଅନ୍ୟାୟ ଓ ଅପରାଧ କାହା ଉପରେ ଅଧିକ ନିର୍ଭର କରେ ?

(1) ଆଚରଣ ଉପରେ

(2) ଅନୁକମ୍ପା ଉପରେ

(3) ନିଜ ବିବେକ ଉପରେ

(4) ପାରିପାର୍ଶ୍ୱିକ ଘଟଣା ଉପରେ

**117.** ଭ୍ରମ-ପ୍ରମାଦ ପାଇଁ ଜଗତରେ କାହାର ଅଭାବ ନାହିଁ ?

(1) ଦେବତ୍ୱ ବିକାଶର

(2) ପ୍ରଲୋଭନ ଓ ଉପାଦାନର

(3) ଅବସ୍ଥା ଚକ୍ରର

(4) ମାନବିକ ବ୍ୟବହାରର

**118.** ସାମାନ୍ୟ ଖାଦ୍ୟଲାଗି ମାଆ କ'ଣ କରିବାର ଦେଖାଯାଇଛି ?

(1) ଅପରାଧ କରିବାର

(2) ଭ୍ରମ-ପ୍ରମାଦ କରିବାର

(3) ପ୍ରାଣର ଶିଶୁକୁ ବିକ୍ରୟ କରିବାର

(4) କଳହ କରିବାର

**119.** ମନୁଷ୍ୟ ଜଘନ୍ୟ ଆଚରଣ କେତେବେଳେ କରେ ?

(1) ବିବେକ ହରାଇଲେ

(2) ସାଂଘାତିକ ଅବସ୍ଥାରେ ପଡ଼ିଲେ

(3) ଦୁର୍ଭିକ୍ଷ ସମୟରେ

(4) ଭୁଲ୍ କରିବା ସମୟରେ

**120.** ପଛ ଭାରଟି କେଉଁଥିରେ ଭର୍ତ୍ତି ହୋଇଥାଏ ?

(1) ଭ୍ରମ ପ୍ରମାଦରେ

(2) ଅପରାଧ ଶୂନ୍ୟତାରେ

(3) ପର ଦୋଷରେ

(4) ଆତ୍ମଦୋଷରେ

**Candidates should answer questions from the following Part only if they have opted for ODIA as LANGUAGE—II**

## ଭାଗ—V : ଭାଷା—II

### ଓଡ଼ିଆ

**ନିର୍ଦ୍ଦେଶାବଳୀ :** ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ ଏବଂ **121** ରୁ **126** ପର୍ଯ୍ୟନ୍ତ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର 4ଟି ଲେଖାଁ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଯଥାର୍ଥ ଉତ୍ତରଟି ଚୟନ କର :

ଯଦି ଜାତୀୟତାର ଯୁଗ ସରିଆସୁଛି, ତେବେ ଆମର ଜାତୀୟତାଭାବ ଦୁର୍ବଳ ରହିଥିବାରୁ ଶୋଚନା କାହିଁକି? ଏକାଥରେ ଆନ୍ତର୍ଜାତିକ ହେବା! ତାମସିକତାରେ ବୁଡ଼ିଥିବା ମଣିଷ ହଠାତ୍ ସାତ୍ତ୍ୱିକ ସ୍ତରକୁ ଡେଇଁ ପାରେନା। ତାକୁ ପ୍ରଥମେ ତାମସିକତାରୁ ମୁକ୍ତହୋଇ ରାଜସିକ ଜୀବନ ବଞ୍ଚିବାକୁ ପଡ଼ିବ। କେବଳ ଜାତୀୟତା ଭାବରେ ପୁଷ୍ଟ ହୋଇଥିବା ଜାତି ଅନ୍ତର୍ଜାତୀୟତା ସମ୍ପର୍କରେ ପରୀକ୍ଷା-ନିରୀକ୍ଷା କରି ବଞ୍ଚିବାର ନୂଆ ମାର୍ଗ ଫିଟାଇପାରେ। ଜାତୀୟତା ସମ୍ପର୍କରେ ଏତେ ଆଲୋଚନା କରିବାର କାରଣ ଚଳିତ ଶତାବ୍ଦୀରେ ଜାତୀୟତା ଭାବରେ ବଳିଷ୍ଠ ହେବାର ସୁବର୍ଣ୍ଣ ସୁଯୋଗ ଓଡ଼ିଶାବାସୀ ହାତଛଡ଼ା କରିଛନ୍ତି। ଏଇ ଶତାବ୍ଦୀରେ ଓଡ଼ିଶା ସମେତ ସମଗ୍ର ଦେଶ ଅଉ ଗୋଟିଏ ମୂଲ୍ୟବାନ ସମ୍ପଦ ଅର୍ଜନ କରିପାରିଥାନ୍ତା—ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିଶ୍ୱାସ। ନୂଆ ସ୍ୱାଧୀନତା ପାଇ ଗଣତାନ୍ତ୍ରିକ ଜୀବନଧାରାକୁ ଆଦରି ନେଇଥିବା ଗୋଟିଏ ଦେଶଠାରୁ ଏଇୟା ଆଶା କରାଯାଏ। ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଶ୍ରଦ୍ଧା ସମ୍ମାନ ଧରି କିନ୍ତୁ ଆମେ ଏକବିଂଶ ଶତାବ୍ଦୀକୁ ଯାଉନାହୁଁ। ଯାଉଛୁ, ଦୁର୍ନୀତିଗ୍ରସ୍ତ ଜୀବନ ପ୍ରତି ପ୍ରଚୁର ମମତା ଧରି।

ଗୋଟିଏ ଶତାବ୍ଦୀ ଭିତରେ ଆମେ କଣ ଅର୍ଜନ କରିଛୁ ସେ କଥା ଛାଡ଼ି ଆମେ ଆମର ପୈତୃକ ସମ୍ପତ୍ତିରୁ କେତେ ସଞ୍ଚୟ କରି ରଖିପାରିଛୁ ସେ ବିଷୟ ବିଚାର କଲେ ମଧ୍ୟ ନିରାଶ ହେବାକୁ ପଡ଼େ। ପୁରାତନ ଭିତରୁ ଯାହା ମୂଲ୍ୟବାନ ତାହା ଯତ୍ନରେ ସାଇତା ହେବା ଜିନିଷ ନୁହେଁ, ବଞ୍ଚାଇ ରଖାଯିବା ଜିନିଷ। ବଞ୍ଚାଇ ରଖିବା ସହଜ କଥା ନୁହେଁ ଏବଂ ଏହା ଜାତିର ଦାୟିତ୍ୱବୋଧ ଓ ଦୂରଦୃଷ୍ଟିକୁ ଅପେକ୍ଷା ରଖେ। ଉଦାହରଣସ୍ୱରୂପ ଅତୀତରେ ଗୋଟିଏ ଜାତିର ବୀରତ୍ୱକୁ ସେ ବର୍ତ୍ତମାନ କିପରି ବଞ୍ଚାଇ ରଖିବ? ଇତିହାସର ବୀରତ୍ୱପୂର୍ଣ୍ଣ ଅଧ୍ୟାୟକୁ ଅନ୍ୟମାନଙ୍କ ଆଗରେ ବଳିଷ୍ଠ ଭାବେ ଉପସ୍ଥାପନ କରିବାର ନିଷ୍ଠା, ଅଧ୍ୟବସାୟ, ପ୍ରତିଭା ଓ ଜିଦ୍ ଆମର ଅଛି? ଜାତିର ଗୌରବ ସମ୍ପର୍କରେ, ଭିତରେ ଅବିଶ୍ୱାସ ଓ ବାହାରକୁ ନିଜ ଢିଅରେ ଛିଡ଼ାହୋଇ ବାହାସ୍ଫୋଟ ମାରିବାର କି ମୂଲ୍ୟ? ଦ୍ୱିତୀୟ କଥା, ଯୁଦ୍ଧକ୍ଷେତ୍ରରେ ବୀରତ୍ୱ ପ୍ରକାଶ କରିବାର ଯୁଗ ଶେଷ ହୋଇଛି। ଯୁଦ୍ଧ ପ୍ରତି ମଣିଷର ମନୋଭାବ ବଦଳିଛି। ଅନ୍ୟାୟ, ଦାରିଦ୍ର୍ୟ ଓ ଅଜ୍ଞାନ ବିରୁଦ୍ଧରେ ସଂଗ୍ରାମରତ ବ୍ୟକ୍ତି ମଧ୍ୟ ବୀର ଓ ତାଙ୍କର ବୀରୋଚିତ ଆଦର ହେବା ଉଚିତ ବୋଲି ବିଂଶ ଶତାବ୍ଦୀର ଶେଷଭାଗରେ କାହାକୁ ବୁଝାଇବା ଅନାବଶ୍ୟକ। ମାତ୍ର ଏକଥା କେହି ବୁଝିଥିବା ପରି ତ ମନେ ହେଉନାହିଁ! ଜାତୀୟ ସ୍ତରରେ ଅସଲ ବୁଝାମଣା କମ୍ ସଚେତନ, ଅଧିକ ଅବଚେତନ। ନୌକାରେ ପାଣି ପଶିଲାଣି ଦେଖି ନୌକା ବଦଳାଇବାର ସିଦ୍ଧାନ୍ତ ଓ ସେହି ମୁହୂର୍ତ୍ତ ଜାତିର ଅବଚେତନ ନିର୍ଣ୍ଣୟ କରିଥାଏ। ଆଜିକାର ପରିସ୍ଥିତିରେ ବୀରତ୍ୱର ସଂଜ୍ଞା କ'ଣ ଓ ଜାତି କିପରି ବୀର-ପ୍ରସବିନୀ ହେବ ସେ ବିଷୟରେ ଆମେ ସଚେତନ ତ?

**121.** କିଏ ହଠାତ୍ ସାତ୍ତ୍ୱିକ ସ୍ତରକୁ ଡେଇଁ ପାରେନା?

(1) ତାମସିକତାରେ ବୁଡ଼ିଥିବା ମଣିଷ

(2) ରାଜସିକ ମଣିଷ

(3) ମୁକ୍ତ ମଣିଷ

(4) ବଳିଷ୍ଠ ମଣିଷ

**122.** ମୂଲ୍ୟବାନ ସମ୍ପଦଟି କ'ଣ?

(1) ପୈତୃକ ସମ୍ପତ୍ତି

(2) ବୀରତ୍ୱ ପ୍ରକାଶ

(3) ଜାତୀୟତା

(4) ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ବିଶ୍ୱାସ

**123.** କେଉଁଠି ବୀରତ୍ୱ ପ୍ରକାଶ କରାଯାଏ?

(1) ଯୁଦ୍ଧ କ୍ଷେତ୍ରରେ

(2) ଆଜିକାର ପରିସ୍ଥିତିରେ

(3) ଏକବିଂଶ ଶତାବ୍ଦୀରେ

(4) ସ୍ୱାଧୀନ ଦେଶରେ

124. ବଞ୍ଚାଇ ରଖାଯିବା ଜିନିଷ କ'ଣ ?

(1) ପୈତୃକ ସମ୍ପତ୍ତି

(2) ଜାତିର ଗୌରବ

(3) ପୁରାତନ ଇତିହାସ

(4) ପୁରାତନ ଭିତରୁ ଯାହା ମୂଲ୍ୟବାନ

125. ଏକବିଂଶ ଶତାବ୍ଦୀକୁ ଆମେ କ'ଣ ଧରି ଯାଉଛୁ ?

(1) ଆମ ବୀରତ୍ୱକୁ ଧରି

(2) ନିଜର ସମ୍ମାନ ଧରି

(3) ଦୁର୍ନୀତିଗ୍ରସ୍ତ ଜୀବନ ପ୍ରତି ପ୍ରଚୁର ମମତାଧରି

(4) ଅର୍ଜିଥିବା ଜାତୀୟତାକୁ ଧରି

126. 'ସଚେତନ'ର ବିପରୀତ ଅର୍ଥବୋଧକ ଶବ୍ଦ କ'ଣ ?

(1) ଅଚେତନ

(2) ଅର୍ଦ୍ଧଚେତନ

(3) ଅବଚେତନ

(4) ଚେତନ

**ନିର୍ଦ୍ଦେଶାବଳୀ :** ଉପଯୁକ୍ତ ଉତ୍ତର ବାଛି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ (**127** ରୁ **141**) :

127. ପଠନ ପରୀକ୍ଷାରେ କେମିତି ମାର୍କ ଦେବ

ପ୍ରଶ୍ନ : ମାଟିଆଡିଲ ଏକ ବିଲୁପ୍ତପ୍ରାୟ ପ୍ରାଣୀ କି ?

ଉତ୍ତର (କ) : ନା, ତେବେ ଏମାନେ କମ୍ ଦେଖାଯାଉଛନ୍ତି।

ଉତ୍ତର (ଖ) : ମାଟିଆଡିଲ ପ୍ରାୟ ବିଲୁପ୍ତିର ପାଦଦେଶରେ।

(1) ଉତ୍ତର (ଖ) ପାଇଁ ½ ମାର୍କ, ଉତ୍ତର (କ) ପାଇଁ 1 ମାର୍କ

(2) ଉତ୍ତର (କ) ପାଇଁ 1 ମାର୍କ, ଉତ୍ତର (ଖ) ପାଇଁ 1 ମାର୍କ

(3) ଉତ୍ତର (ଖ) ପାଇଁ 1 ମାର୍କ, ଉତ୍ତର (କ) ପାଇଁ 0 ମାର୍କ

(4) ଉତ୍ତର (କ) ପାଇଁ ½ ମାର୍କ, ଉତ୍ତର (ଖ) ପାଇଁ 1 ମାର୍କ

128. ଯେକୌଣସି ପାଠକୁ ସାଧାରଣ ଭାବେ ବୁଝି ନିର୍ଦ୍ଦିଷ୍ଟ ଉତ୍ତରକୁ ସ୍ଥିର କରିବାରେ ପଠନ କୌଶଳ ବ୍ୟବହୃତ ହୋଇଥାଏ ଯାହା ଛାତ୍ରଛାତ୍ରୀଙ୍କୁ ଏକ ପ୍ରସଙ୍ଗ ବୁଝିବାରେ ସାହାଯ୍ୟ କରିଥାଏ

(1) ପୂର୍ବାନୁମାନ

(2) ସାରାଂଶ କଥନ

(3) ଭିତର ଅଂଶର ସଫଳ ପରୀକ୍ଷା

(4) ସାରାଂଶ ଜାଣିବା ପାଇଁ ଶୀଘ୍ର ପଠନ

**129.** ଛାତ୍ରଛାତ୍ରୀଗଣ ଏକ କ୍ଷୁଦ୍ର ନାଟକ (ସ୍କ୍ରିପ୍ଟ) 'ପ୍ରସିଦ୍ଧ ବାକ୍ୟ ରହସ୍ୟ' ଲେଖିଛନ୍ତି। ଚାରୋଟି ଚରିତ୍ର ଏବଂ ଦଶଟି ଧାଡ଼ିରେ ଏହା ସୀମିତ। ପ୍ରତ୍ୟେକ ଚରିତ୍ର କେବଳ ଗୋଟିଏ ପ୍ରକାରର ବାକ୍ୟ ଉଚ୍ଚାରଣ କରିବେ। ଏହି କାର୍ଯ୍ୟଟି ଏକ ନିର୍ଦ୍ଦିଷ୍ଟ ଅଭ୍ୟାସକୁ ତ୍ୱରାନ୍ୱିତ କରିଥାଏ

(1) ପଠନ ପରବର୍ତ୍ତୀ କାର୍ଯ୍ୟଧାରା

(2) ଲିଖନ ପୂର୍ବବର୍ତ୍ତୀ କାର୍ଯ୍ୟଧାରା

(3) ବ୍ୟାକରଣ ବ୍ୟବହାର

(4) ଭାଷାର ବ୍ୟବହାର

**130.** ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସର୍ଜନାତ୍ମକ କଳାର ବିକାଶ ପାଇଁ କେଉଁଟି ଯଥାର୍ଥ ଉପାୟ

(1) ଛବିର ବ୍ୟବହାର ପ୍ରଦର୍ଶନ ଓ ଆଲୋଚନା

(2) ଛାତ୍ରଛାତ୍ରୀମାନଙ୍କ ଯେକୌଣସି ବିଷୟରେ ମନକୁମନ ଲେଖନ

(3) ପ୍ରଦତ୍ତ ବିଷୟର ପୁଙ୍ଖାନୁପୁଙ୍ଖ ଆଲୋଚନା

(4) ବୋର୍ଡ ଉପରେ ଏକ ବିଶେଷ ରୂପରେଖର ସୂଚନା

**131.** ତମ କ୍ଲାସରେ କୌଣସି ବିଷୟରେ ଅଧିକାଂଶ ଛାତ୍ରଛାତ୍ରୀ ଇଂରାଜୀରେ କହିବାକୁ ଲାଜ କରୁଛନ୍ତି। ଏହାକୁ ଦୂର କରିବା ପାଇଁ ତମେ କ'ଣ କରିପାରିବ ?

(1) କ୍ଲାସରେ କୌଣସି ଏକ ଆକସ୍ମିକ ଭାଷଣ ଦେଲାବେଳେ ସରଳ ବିଷୟର ଉତ୍‌ଥାପନ କରିବା

(2) ଅନ୍ୟମାନଙ୍କର ଉପସ୍ଥାପନ ଶେଷ ହେଲାବେଳକୁ ସେମାନଙ୍କୁ କହିବା ପାଇଁ ସୁଯୋଗ ଦେବା

(3) ଲକ୍ଷ୍ୟ–ଭାଷାରେ ସେମାନଙ୍କୁ ବ୍ୟକ୍ତିଗତ ଭାବେ ଶିକ୍ଷା ଦେବା

(4) ଦୁଇଜଣିଆ କିମ୍ବା ଛୋଟ ଛୋଟ ଦଳରେ ବିଭକ୍ତ କରି ଛାତ୍ରଛାତ୍ରୀଗଣକୁ ଲେଖନ ଓ ନିଜ ଉପସ୍ଥାପନକୁ ବାରମ୍ବାର ଦୋହରାଇବାକୁ ସୁଯୋଗ ଦେବା

**132.** ଶ୍ରବଣ କୌଶଳର ଅଭ୍ୟାସ ପାଇଁ ଶିକ୍ଷକ ଏପରି ଏକ କାର୍ଯ୍ୟ ପ୍ରସ୍ତୁତ କରିବେ ଯେଉଁଥିରେ ଛାତ୍ରଛାତ୍ରୀ ରେଳ ଘୋଷଣା ଶୁଣୁଥିବେ ଏବଂ ଟ୍ରେନର ପହଂଚିବା ଏବଂ ଛାଡ଼ିବା ସମୟକୁ ଉଦ୍ଦିଷ୍ଟ ଟେବୁଲ୍‌ରେ ପୂରଣ କରିବେ। ଏଠାରେ ଛାତ୍ରଛାତ୍ରୀଗଣ

(1) ଅଡିଓ ରେକର୍ଡିଙ୍ଗ ଉପରେ ଆଧାରିତ ଏକ ଟେବୁଲ୍‌କୁ ପୂରଣ କରୁଥିବେ

(2) ଏକ ଘୋଷଣାକୁ ବଡ଼ ପାଟିରେ ପଢୁଥିବେ

(3) ଟେବୁଲ୍‌ରେ ପ୍ରଦତ୍ତ ତଥ୍ୟର ବ୍ୟାଖ୍ୟା କରୁଥିବେ

(4) କ୍ଷୁଦ୍ର ଚଳଚ୍ଚିତ୍ର ଦେଖୁଥିବେ

**133.** ଏକ ନୂତନ ଭାଷା ଶିକ୍ଷାବେଳେ ଯୌନ ପରିପକ୍ୱତା ବିଷୟଟି ବିଦେଶୀ ଭାଷାର ଏକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ

(1) ସାଧାରଣଭାବେ ଆହରଣ

(2) ଆହରଣରେ କ୍ଲିଷ୍ଟତା

(3) ଦକ୍ଷତାର ହ୍ରାସ

(4) ପୂର୍ଣ୍ଣମାତ୍ରାରେ ଦକ୍ଷତା ଲାଭ

**134.** 'ଇ-ଲର୍ଣିଙ୍ଗ୍' ହେଉଛି

(1) ପତ୍ର ବିନିମୟ ଶିକ୍ଷା

(2) ଫିଲ୍ମ ଡକୁମେଣ୍ଟାରୀ

(3) ପ୍ରଯୁକ୍ତି ବିଜ୍ଞାନ ମାଧ୍ୟମରେ ଶିକ୍ଷା

(4) ହାର୍ଡୱେୟାର ଉପରେ ଅତ୍ୟଧିକ ନିର୍ଭରଶୀଳ

**135.** ଏକ ଦ୍ୱିଭାଷୀ କ୍ଲାସ୍‌ରେ ଗୋଟିଏ ଲକ୍ଷ୍ୟ-ଭାଷାର ଲିଖିତ ଏବଂ କଥିତ ରୂପ ମଧ୍ୟରେ ଥିବା ପାର୍ଥକ୍ୟ ଜାଣିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ —— ପ୍ରତି ଉତ୍ସାହିତ କରାଯିବା ଉଚିତ।

(1) ଲକ୍ଷ୍ୟ-ଭାଷାରେ ଲେଖା ହୋଇଥିବା ଅଧିକ ବହି ପଢ଼ିବା

(2) ଇଂରାଜୀରେ ଅଧିକ ଲେଖିବା

(3) ଅଧିକ ଦ୍ୱିଭାଷୀ ଫିଲ୍ମ ଦେଖିବା

(4) ଲକ୍ଷ୍ୟ-ଭାଷାରେ କଥାବାର୍ତ୍ତା କରିବା

**136.** ଏକ ନିର୍ଦ୍ଦିଷ୍ଟ ଭାଷାରେ ଦକ୍ଷତା ହାସଲ କରିପାରି ନଥିବା ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ ପ୍ରସ୍ତୁତ କଲାବେଳେ ସେମାନଙ୍କ ସମବୟସ୍କ ଛାତ୍ରଛାତ୍ରୀଙ୍କ କାର୍ଯ୍ୟକୁ ଏପରି କୁହାଯାଇ ଥାଏ

(1) ସାରାଂଶ କଥନ

(2) ପୁନଃ ପ୍ରସ୍ତୁତିକରଣ

(3) ତ୍ରୁଟିମାର୍ଜନ

(4) ପୁନଃପଠନ

**137.** ମିଶାମିଶି ଭାଷା ଜାଣିଥିବା ଗୋଟିଏ କ୍ଲାସରୁମ୍‌ରେ ଛାତ୍ରଛାତ୍ରୀଗଣ ଏପରି ଏକ ପାଠ୍ୟ ଖସଡ଼ା ପସନ୍ଦ କରିଥାନ୍ତି ଯାହା

(1) କେତକ ନିର୍ଦ୍ଦିଷ୍ଟ କ୍ଲାସ୍‌ରେ ଛାତ୍ରଛାତ୍ରୀଗଣଙ୍କୁ ଏକା ସ୍ତରର ଗଠିତ ଗୋଷ୍ଠୀରେ ରଖିବାର ସୁଯୋଗ ଦେଇଥାଏ

(2) ବିଭିନ୍ନ ଭାଷାର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ମହାଭାବ ବିନିମୟର ସୁଯୋଗ ଦେଇଥାଏ

(3) ଗଣିତ ଏବଂ ଭାଷା ଉପରେ ଅଧିକ ଜୋର୍ ଦେଇଥାଏ

(4) କ୍ରୀଡ଼ା ଏବଂ ଭାଷା ଉପରେ ଦୃଷ୍ଟିପାତ କରିଥାଏ

**138.** ଭ୍ରମ ଧାରଣାଟିକୁ ବାଛ : ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଓଡ଼ିଆ ଭାଷାର ପାଠ୍ୟପୁସ୍ତକଗୁଡ଼ିକ

(1) ଶିକ୍ଷା ପ୍ରଣାଳୀର ଘଟଣାକ୍ରମକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ

(2) ତଥ୍ୟ ଉପସ୍ଥାପନରେ ଭାରସାମ୍ୟ ରଖିଥାଏ

(3) ଶିକ୍ଷଣୀୟ ଅନୁଭୂତିର ଉପସ୍ଥାପନା କରିଥାଏ

(4) ଶିକ୍ଷକମାନଙ୍କ ପାଇଁ ପୁଙ୍ଖାନୁପୁଙ୍ଖ ପାଠ୍ୟଯୋଜନା ପ୍ରସ୍ତୁତ କରିଥାଏ

**139.** ଭାଷା ଶିଖିଲାବେଳେ ସାଧାରଣତଃ ବ୍ୟାକରଣଗତ ତ୍ରୁଟି ଦେଖାଯାଇଥାଏ ସେଥିପାଇଁ ଶିକ୍ଷକ

(1) କ୍ଲାସ୍‌ରେ ଭୁଲ କଲାବେଳେ ସେମାନଙ୍କ ତ୍ରୁଟିର ସଂଶୋଧନ କରାଯାଇଥାଏ ଯାହା ଦ୍ୱାରା ସେମାନେ ଅନ୍ୟମାନଙ୍କ ତ୍ରୁଟି ଦେଖି ସୁଧାରିଥାନ୍ତି

(2) ଶିକ୍ଷାର୍ଥୀଙ୍କ କଥନ ବା ପଠନ ଶେଷ ଯାଏ ଶିକ୍ଷକ ଅପେକ୍ଷା କରିବେ ଏବଂ ତା'ପରେ ସାଧାରଣ ଭୁଲ୍ ପାଇଁ ସଂଶୋଧନ ପ୍ରସ୍ତୁତ କରିବାର ଉଦ୍ୟୋଗ ନେବେ

(3) ସ୍ୱାଭାବିକ ଭାବେ ଭୁଲ୍ କରିବା ପାଇଁ ଛାଡ଼ି ଦେଇଥାନ୍ତି

(4) ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ଚିହ୍ନଟକରି ସେମାନଙ୍କୁ ଅଲଗା କରି ସେମାନଙ୍କ ପାଇଁ ସ୍ୱତନ୍ତ୍ର କ୍ଲାସ୍‌ର ଆୟୋଜନ କରିଥାନ୍ତି

**140.** ଅନିଚ୍ଛୁକ, ଅମନୋଯୋଗୀ ଛାତ୍ରଛାତ୍ରୀ ଭରପୂର ଥିବା ଏକ ଭାଷା କ୍ଲାସ୍‌ରେ ଜଣେ ବିଦେଶୀ/ଅନ୍ୟ ମାତୃ ଭାଷାର ଶିକ୍ଷକ ଅନେକ ସମୟରେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାଏ। ଏହା ଫଳପ୍ରଦ ହୋଇଥାଏ

(1) କ୍ଲାସ୍‌କୁ ସମ୍ବୋଧିତ କରୁଥିବା ବିଷୟ ଉପଦେଷ୍ଟାଙ୍କ ସାହାଯ୍ୟ ନେବା ଦ୍ୱାରା

(2) ଅମନୋଯୋଗୀ ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରିବା ଓ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କ୍ଲାସ ନେବା ଦ୍ୱାରା

(3) ପ୍ରଦତ୍ତ ଆସାଇନମେଣ୍ଟକୁ ଶେଷ କରିବାକୁ ନିଜ ସମୟ ଅନୁସାରେ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ଦ୍ୱାରା

(4) କ୍ଲାସରୁମ୍ ଶିକ୍ଷାକୁ ଅଧିକ ମୁକାବିଲାକ୍ଷମ ଏବଂ ଆକର୍ଷଣୀୟ କରିବା ପାଇଁ ନାନା ପଦ୍ଧତି ଏବଂ କୌଶଳର ବ୍ୟବହାର କରିବା ଦ୍ୱାରା

**141.** ଭାଷା ଶିକ୍ଷାର୍ଥୀ କିଛି କାର୍ଯ୍ୟ କରିବା ଦ୍ୱାରା ଶିକ୍ଷାଲାଭ କରିଥାଏ। କେଉଁ କାର୍ଯ୍ୟ ଏହି ପର୍ଯ୍ୟବେକ୍ଷଣକୁ ସମର୍ଥନ ଦେଇଥାଏ ?

(1) ପ୍ରଦତ୍ତ ବିଷୟର ଅର୍ଥକୁ ଭଲଭାବେ ବୁଝାଇବା ପାଇଁ ସେମାନଙ୍କ ମାତୃଭାଷାର ବ୍ୟବହାର ପାଇଁ ଉତ୍ସାହିତ କରିଥାଏ

(2) ବାସ୍ତବରୁ ଅବାସ୍ତବ ବିଷୟ ଆଡ଼କୁ ଯାଇଥାଏ

(3) ଶିକ୍ଷକ ଲେଖା ଓ କଥାବାର୍ତ୍ତା କରିବା ଶୈଳୀର ଉଦାହରଣ ଦେଇଥାନ୍ତି ଏବଂ ବିଦ୍ୟାର୍ଥୀ ତାହା ଲେଖିଥାଏ

(4) ଅଭ୍ୟାସ କରିବା ଏକାନ୍ତ ଜରୁରୀ ବୋଲି ଜାଣିବାକୁ ଦେଇଥାଏ ଏବଂ ଏହା ଅଭ୍ୟାସ ଜାରି ରଖିବାକୁ ସାହାଯ୍ୟ କରିଥାଏ

**ନିର୍ଦ୍ଦେଶାବଳୀ :** ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପଢ଼ ଏବଂ **142** ରୁ **150** ପର୍ଯ୍ୟନ୍ତ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଚାରୋଟି ଲେଖାଁ ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଯଥାର୍ଥ ଉତ୍ତରଟି ଚୟନ କର :

ଲେଭେଲେଟ୍‌ଙ୍କ ମତରେ ପ୍ରତ୍ୟେକ ଶବ୍ଦ ଏବଂ ଭାବଧାରା ସମଗ୍ର ମସ୍ତିଷ୍କରେ ଜାଲ ଭଳି ବିଛାଇ ହୋଇଥିବା ପରସ୍ପର ସହିତ ପ୍ରତିକ୍ରିୟାଶୀଳ 'ନୋଡ୍' (Node) ବା ପବ ମଧ୍ୟରେ ଗଚ୍ଛିତ ଥାଏ। ପୁନଶ୍ଚ, ପ୍ରତ୍ୟେକ ବ୍ୟକ୍ତିର ମସ୍ତିଷ୍କର ବିଭିନ୍ନ ଅଞ୍ଚଳରେ ତାହା ଭିନ୍ନ ଭିନ୍ନ ଭାବେ ବିଛାଇ ହୋଇଥାଏ। ଏଣୁ ପ୍ରତ୍ୟେକ ବ୍ୟକ୍ତିର ଭାଷା ପ୍ରକାଶଭଙ୍ଗୀ, ଆଙ୍ଗୁଳି ଛାପ ଭଳି ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ହୋଇଥାଏ। କୌଣସି ଦୁଇଜଣଙ୍କଠାରେ ଏହା ସମାନ ହୁଏ ନାହିଁ। ତାଙ୍କ ମତରେ ମନେକର ତୁମେ 'ଗାଇ' ଶବ୍ଦଟି କହିବାକୁ ଚାହୁଁଛ। ସମ୍ଭବତଃ ତୁମେ ଗାଇ ଛବିଟିଏ ଦେଖିଲ କିମ୍ବା ବନ୍ଧୁଙ୍କ ସହିତ ଆଳାପ ସମୟରେ ଏହା ବିଷୟରେ ଚିନ୍ତା କଲ। ଏଥି ପାଇଁ ମନ ପ୍ରଥମେ ଗାଇ ପାଇଁ ଉଦ୍ଦିଷ୍ଟ 'ଲେକ୍‌ସିକାଲ୍ ନୋଡ୍'କୁ ସକ୍ରିୟ କଲା। ତୁମେ ଗାଇ ବିଷୟରେ ଯାହା ଜାଣ ସେ ସମସ୍ତ ସୂଚନା ଏଥିରେ ହିଁ ଗଚ୍ଛିତ ଥାଏ। ଏ ସମୟରେ ଏଥିସହିତ ସମାନତା ଥିବା ଅନ୍ୟାନ୍ୟ ଜୀବ, ଅର୍ଥାତ୍ ଛେଳି, ମେଣ୍ଢା, ବଳଦ, ଘୋଡ଼ା ଆଦିଙ୍କ ସହିତ ସଂପୃକ୍ତ 'ନୋଡ୍'ଗୁଡ଼ିକ ମଧ୍ୟ କିଛିଟା ସକ୍ରିୟ ହୋଇଥାଏ। ଏଣୁ ଏହି ଅବସ୍ଥାରେ ତୁମେ ଗାଇ ଶବ୍ଦଟି ପାଇ ନ ଥାଅ। କିନ୍ତୁ, ଗାଇ ସଙ୍ଗେ ସଙ୍ଗେ ସେହିଭଳି ଅନ୍ୟାନ୍ୟ ପଶୁଙ୍କ ସମ୍ପର୍କରେ ବହୁ ତଥ୍ୟ ତୁମ ମସ୍ତିଷ୍କରେ ସକ୍ରିୟ ହୋଇଉଠିଥାଏ।

ଏହାର ପରବର୍ତ୍ତୀ ସ୍ତର ଦ୍ୱିତୀୟ 'ମୋଡ୍ୟୁଲ୍' ବା 'ଲେମ୍ମା' ଦ୍ୱାରା ନିୟନ୍ତ୍ରିତ ହୁଏ। ଯେତେବେଳେ ଗାଇ ସମ୍ପର୍କରେ ଉତ୍ପନ୍ନ 'ଲେକ୍‌ସିକାଲ୍' ଭାବଧାରା ତଥା ଅନ୍ୟାନ୍ୟ ପଶୁମାନଙ୍କ ସମ୍ପର୍କୀୟ ସକ୍ରିୟ ଭାବଧାରା ଏ ସ୍ତରକୁ ଆସେ ସେତେବେଳେ ଦୁଇଟି କଥା ଘଟିପାରେ। ପ୍ରଥମତଃ 'ଲେମ୍ମା' ତନ୍ମଧ୍ୟରୁ ଆସୁଥିବା ଭାବଧାରା ଲାଗି ଉପଯୁକ୍ତ ପଦବିନ୍ୟାସ ଯୋଗାଏ। ଏହି ସ୍ତରରେ ଶବ୍ଦଗୁଡ଼ିକ ସଂଯୋଜିତ ମଧ୍ୟ ହୁଏ। ଦ୍ୱିତୀୟତଃ ବିଭିନ୍ନ ସକ୍ରିୟ 'ଲେକ୍‌ସିକାଲ୍' ଭାବଧାରା ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରନ୍ତି। ଅଧିକାଂଶ ସ୍ଥଳେ ସବୁଠାରୁ ସକ୍ରିୟ ଭାବଧାରା (ଏଠାରେ 'ଗାଇ') ବିଜୟ ଲାଭ କରେ। କିନ୍ତୁ, ବେଳେବେଳେ ଅନ୍ୟାନ୍ୟ 'ଲେକ୍‌ସିକାଲ୍' ଭାବଧାରା ଏଥିରେ ବାଧା ଦିଅନ୍ତି। ଏଗୁଡ଼ିକ ଯେତେ ଅଧିକ ସକ୍ରିୟ ସେମାନଙ୍କ ବାଧା ଦେବା ଶକ୍ତି ସେତେ ଅଧିକ ହୁଏ। ଏଣୁ ଚାହୁଁଥିବା ଶବ୍ଦଟି ଉତ୍ପନ୍ନ ହେବାକୁ ଅଧିକ ସମୟ ଲାଗେ। ଲେଭେଲେଟ୍ କରିଥିବା ଏକ ପରୀକ୍ଷାରୁ ଜଣାପଡ଼ିଛି ଯେ, ଆମେ ହଠାତ୍ ଗୋଟିଏ ବସ୍ତୁର ନାମ ତୁଣ୍ଡରେ ନେବାପାଇଁ ହାରାହାରି ଏକ ସେକେଣ୍ଡର 70 ହଜାର ଭାଗରୁ ଭାଗେ ସମୟ ନେଉ କିନ୍ତୁ, ତାହାରି କିମ୍ବା ତାହାରି ସଦୃଶ କୌଣସି ବସ୍ତୁର ଚିତ୍ର ଆମ ଚକ୍ଷୁ ସମ୍ମୁଖରେ ଉପସ୍ଥାପିତ କରାଗଲେ ସେଥିପାଇଁ କମ୍ ସମୟ ଲାଗିଥାଏ। ଅର୍ଥାତ୍, ଏକ ସେକେଣ୍ଡରେ 80 ହଜାର ଭାଗରୁ ଭାଗେ ସମୟ ମଧ୍ୟରେ ଏହାର ନାମ ଆମ ତୁଣ୍ଡକୁ ଚାଲିଆସେ।

**142.** 'ନୋଡ୍' ବା ପଦ ମଧ୍ୟରେ କିଏ ଗଚ୍ଛିତ ଥାଏ ?

(1) ପ୍ରକାଶ ଭଙ୍ଗୀ

(2) ପ୍ରତିକ୍ରିୟାଶୀଳ ଜାଲ

(3) ମସ୍ତିଷ୍କ

(4) ଶବ୍ଦ ଏବଂ ଭାବଧାରା

**143.** 'ଲେକ୍‌ସିକାଲ୍ ନୋଡ୍'କୁ ପ୍ରଥମେ କିଏ ସକ୍ରିୟ କରେ ?

(1) ଶବ୍ଦ

(2) ମନ

(3) ଗାଇର ଛବି

(4) ସକ୍ରିୟ ଭାବଧାରା

**144.** ଭାବଧାରା ଲାଗି ଉପଯୁକ୍ତ ପଦବିନ୍ୟାସ କିଏ ଯୋଗାଏ ?

(1) ଲେମ୍ମା

(2) ଗାଇ

(3) ଲେକ୍‌ସିକାଲ୍

(4) ପଶୁ

**145.** 'ଗାଈ' ଶବ୍ଦଟି କେଉଁ ପଦ ?

(1) ବିଶେଷଣ

(2) ବିଶେଷ୍ୟ

(3) ଅବ୍ୟୟ

(4) ସର୍ବନାମ

**146.** କିଏ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ?

(1) ବିଭିନ୍ନ ସକ୍ରିୟ 'ଲେକ୍‌ସିକାଲ୍' ଭାବଧାରା

(2) ସମାନ ଧରଣର ଜୀବ

(3) ପଶୁମାନଙ୍କର ସମ୍ପର୍କ

(4) ମନ ସହିତ ମନ

**147.** 'ସକ୍ରିୟ'ର ବିପରୀତ ଅର୍ଥବୋଧକ ଶବ୍ଦ କ'ଣ ?

(1) ଅଣ ସକ୍ରିୟ

(2) ସକ୍ରିୟ ଶୂନ୍ୟ

(3) ନିଷ୍କ୍ରିୟ

(4) ସକ୍ରିୟତା

**148.** ଅଧିକାଂଶ ସ୍ଥଳେ କିଏ ବିଜୟଲାଭ କରେ ?

(1) ଲେକ୍‌ସିକାଲ୍

(2) ଦୃଶ୍ୟମାନ ଚିତ୍ର

(3) ନୋଡ୍

(4) ସବୁଠାରୁ ସକ୍ରିୟ ଭାବଧାରା

**149.** କ'ଣ କରାଗଲେ ବସ୍ତୁର ନାମ କମ୍ ସମୟରେ ତୁଣ୍ଡକୁ ଆସିଥାଏ ?

(1) ସମ୍ପର୍କ ସ୍ଥାପନ କରାଗଲେ

(2) ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରାଗଲେ

(3) ମନ ଭିତରେ ଭାବନା ଆସିଲେ

(4) ବସ୍ତୁର ଚିତ୍ର ଚକ୍ଷୁ ସମ୍ମୁଖରେ ଉପସ୍ଥାପିତ କରାଗଲେ

**150.** ମସ୍ତିଷ୍କରେ କ'ଣ ସକ୍ରିୟ ହୋଇ ଉଠିଥାଏ ?

(1) ଗାଈ ସଙ୍ଗେ ସଙ୍ଗେ ସେହିଭଳି ଅନ୍ୟ ପଶୁଙ୍କ ସମ୍ପର୍କରେ ବହୁ ତଥ୍ୟ

(2) ଜଗତ ସମ୍ପର୍କରେ ସୂଚନା

(3) ଭାବଧାରା

(4) ବସ୍ତୁର ଚିତ୍ର

SPACE FOR ROUGH WORK

***ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଭଲ ଭାବରେ ପାଠ କରନ୍ତୁ :***

1. ପ୍ରତ୍ୟେକ ପ୍ରଶ୍ନରେ 4ଟି ସମ୍ଭାବ୍ୟ ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ସର୍ବୋତ୍ତମ ଗ୍ରହଣୀୟ ଉତ୍ତରକୁ ହିଁ OMR ଉତ୍ତର ଖାତାର ପୃଷ୍ଠା–2 ରେ **ନୀଳ କିମ୍ବା କଳା ବଲ୍ ପଏଣ୍ଟ ପେନ୍‌ରେ** ଚିହ୍ନଟ କରନ୍ତୁ । ଥରେ ଚିହ୍ନଟ କଲା ପରେ ଏହାକୁ କୌଣସି ପରିସ୍ଥିତିରେ ବଦଳାଯିବ ନାହିଁ ।

2. ଉତ୍ତର ଖାତାକୁ ମୋଡ଼ିମାଡ଼ି ଭାଙ୍ଗ କରାଯିବ ନାହିଁ ଅଥବା କୌଣସି ପ୍ରକାର ଦାଗ ଅଥବା ଚିହ୍ନ ଲଗାଯିବ ନାହିଁ । ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ଜାଗାରେ ରୋଲ୍ ନମ୍ବର ଲେଖାଯିବ ନାହିଁ ।

3. ପ୍ରଶ୍ନପତ୍ର ଓ ଉତ୍ତର ଖାତାକୁ ଯତ୍ନରେ ରଖାଯିବ । କେବଳ କ୍ରମିକ ନମ୍ବର ବା କୋଡ୍ କ୍ଷେତ୍ରରେ ବ୍ୟତିକ୍ରମ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ଏହାକୁ ହସ୍ତାନ୍ତର ଅଥବା ବଦଳା ଯାଇପାରିବ ନାହିଁ ।

4. ଉପସ୍ଥାନ ଖାତାରେ ପରୀକ୍ଷାର୍ଥୀଗଣ ପ୍ରଶ୍ନପତ୍ର ଓ ଉତ୍ତର ଖାତାର କ୍ର. ନଂ. ଓ କୋଡ୍ ନିର୍ଭୁଲ ଭାବରେ ଲେଖିବେ ।

5. କେବଳ ପ୍ରବେଶ ପତ୍ର ବ୍ୟତୀତ ପରୀକ୍ଷାର୍ଥୀଗଣ ପରୀକ୍ଷାକକ୍ଷକୁ କୌଣସି ପ୍ରକାର ବହି, ଖାତା, କାଗଜ ବା ଇଲେକ୍‌ଟ୍ରୋନିକ୍ ଯନ୍ତ୍ରାଦି ସାଙ୍ଗରେ ନେଇ ଯାଇ ପାରିବେ ନାହିଁ ।

6. ପରୀକ୍ଷକ ଚାହିଁବା ମାତ୍ରରେ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରବେଶ ପତ୍ର ତାଙ୍କୁ ତନଖି ନିମିତ୍ତ ଦେଖାଇବେ ।

7. ପରୀକ୍ଷା ପରିଚାଳକ ବା ପରୀକ୍ଷକଙ୍କ ଅନୁମତି ଭିନ୍ନ କୌଣସି ପରୀକ୍ଷାର୍ଥୀ ନିଜ ଆସନ ଛାଡ଼ି ଯିବେ ନାହିଁ ।

8. ପରୀକ୍ଷକଙ୍କୁ ଉତ୍ତର ଖାତା ହସ୍ତାନ୍ତର ନ କରି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କକ୍ଷ ଛାଡ଼ି ବାହାରକୁ ଯାଇପାରିବ ନାହିଁ । ସେମାନେ ଉପସ୍ଥାନ ପତ୍ରରେ ଦୁଇଥର ସ୍ୱାକ୍ଷର କରିବେ । ଦ୍ୱିତୀୟ ଥର ଉପସ୍ଥାନ ପତ୍ରରେ ସ୍ୱାକ୍ଷର କରି ନ ଥିବା ପରୀକ୍ଷାର୍ଥୀ ଉତ୍ତର ଖାତା ଦେଇ ନାହାନ୍ତି ଏବଂ ଅସାଧୁ କାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ଧରିନିଆଯିବ ।

9. କୌଣସି ପ୍ରକାର କାଲ୍‌କୁଲେଟର ବ୍ୟବହାରକୁ ଅନୁମତି ମିଳିବ ନାହିଁ ।

10. ପରୀକ୍ଷା ପରିଚାଳନା ସଂକ୍ରାନ୍ତରେ ସି.ବି.ଏସ୍.ଇ.ର ନିୟମକାନୁନ ଚୂଡ଼ାନ୍ତ ରୂପେ ବିବେଚିତ ହେବ । ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ବୋର୍ଡର ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

11. କୌଣସି ପରିସ୍ଥିତିରେ ପ୍ରଶ୍ନପତ୍ର ଅଥବା ଉତ୍ତର ପତ୍ରର କୌଣସି ଅଂଶକୁ ଚିରି ବାହାର ବା ପୃଥକ୍ କରାଯାଇପାରିବ ନାହିଁ ।

12. **ପରୀକ୍ଷା ସରିଲା ପରେ, ଉତ୍ତର ପତ୍ରକୁ ଅବିକଳ ପରୀକ୍ଷାକକ୍ଷରେ ଉପସ୍ଥିତ ପରୀକ୍ଷକଙ୍କୁ ହସ୍ତାନ୍ତର କରାଯିବ । ପରୀକ୍ଷାର୍ଥୀମାନେ କେବଳ ପ୍ରଶ୍ନପତ୍ରକୁ ସାଙ୍ଗରେ ନେଇ ଯାଇପାରିବେ ।**

**READ THE FOLLOWING INSTRUCTIONS CAREFULLY :**

1. Out of the four alternatives for each question, only one circle for the correct answer is to be darkened completely with Blue/Black Ballpoint Pen on **Side-2** of the OMR Answer Sheet. The answer once marked is not liable to be changed.
2. The candidates should ensure that the Answer Sheet is not folded. Do not make any stray marks on the Answer Sheet. Do not write your Roll No. anywhere else except in the specified space in the Answer Sheet.
3. Handle the Test Booklet and Answer Sheet with care, as under no circumstances (except for discrepancy in Test Booklet Code or Number and Answer Sheet Code or Number), another set will be provided.
4. The candidates will write the correct Test Booklet Code and Number as given in the Test Booklet/Answer Sheet in the Attendance Sheet.
5. Candidates are not allowed to carry any textual material, printed or written, bits of papers, pager, mobile phone, electronic device or any other material except the Admit Card inside the Examination Hall/Room.
6. Each candidate must show on demand his/her Admit Card to the Invigilator.
7. No candidate, without special permission of the Superintendent or Invigilator, should leave his/her seat.
8. The candidates should not leave the Examination Hall without handing over their Answer Sheet to the Invigilator on duty and sign the Attendance Sheet twice. Cases where a candidate has not signed the Attendance Sheet, a second time will be deemed not to have handed over the Answer Sheet and dealt with as an unfair means case.
9. Use of Electronic/Manual Calculator is prohibited.
10. The candidates are governed by all Rules and Regulations of the Board with regard to their conduct in the Examination Hall. All cases of unfair means will be dealt with as per Rules and Regulations of the Board.
11. No part of the Test Booklet and Answer Sheet shall be detached under any circumstances.
12. **On completion of the test, the candidate must hand over the Answer Sheet to the Invigilator in the Room/Hall.** ***The candidates are allowed to take away this Test Booklet with them.***

**निम्नलिखित निर्देशों को ध्यान से पढ़ें :**

1. प्रत्येक प्रश्न के लिए दिए गए चार विकल्पों में से सही उत्तर के लिए OMR उत्तर-पत्र के **पृष्ठ-2** पर केवल एक वृत्त को ही पूरी तरह नीले/काले बॉलपॉइंट पेन से भरें। एक बार उत्तर अंकित करने के बाद उसे बदला नहीं जा सकता है।
2. परीक्षार्थी सुनिश्चित करें कि इस उत्तर-पत्र को मोड़ा न जाए एवं उस पर कोई अन्य निशान न लगाएँ। परीक्षार्थी अपना अनुक्रमांक उत्तर-पत्र में निर्धारित स्थान के अतिरिक्त अन्यत्र न लिखें।
3. परीक्षा पुस्तिका एवं उत्तर-पत्र का ध्यानपूर्वक प्रयोग करें, क्योंकि किसी भी परिस्थिति में (केवल परीक्षा पुस्तिका एवं उत्तर-पत्र के संकेत या संख्या में भिन्नता की स्थिति को छोड़कर) दूसरी परीक्षा पुस्तिका उपलब्ध नहीं करायी जाएगी।
4. परीक्षा पुस्तिका/उत्तर-पत्र में दिए गए परीक्षा पुस्तिका संकेत व संख्या को परीक्षार्थी सही तरीके से हाजिरी-पत्र में लिखें।
5. परीक्षार्थी द्वारा परीक्षा हॉल/कक्ष में प्रवेश-कार्ड के सिवाय किसी प्रकार की पाठ्य-सामग्री, मुद्रित या हस्तलिखित, कागज की पर्चियाँ, पेजर, मोबाइल फोन, इलेक्ट्रॉनिक उपकरण या किसी अन्य प्रकार की सामग्री को ले जाने या उपयोग करने की अनुमति नहीं है।
6. पूछे जाने पर प्रत्येक परीक्षार्थी, निरीक्षक को अपना प्रवेश-कार्ड दिखाएँ।
7. अधीक्षक या निरीक्षक की विशेष अनुमति के बिना कोई परीक्षार्थी अपना स्थान न छोड़ें।
8. कार्यरत निरीक्षक को अपना उत्तर-पत्र दिए बिना एवं हाजिरी-पत्र पर दुबारा हस्ताक्षर किए बिना परीक्षार्थी परीक्षा हॉल नहीं छोड़ेंगे। यदि किसी परीक्षार्थी ने दूसरी बार हाजिरी-पत्र पर हस्ताक्षर नहीं किए, तो यह माना जाएगा कि उसने उत्तर-पत्र नहीं लौटाया है और यह अनुचित साधन का मामला माना जाएगा।
9. इलेक्ट्रॉनिक/हस्तचालित परिकलक का उपयोग वर्जित है।
10. परीक्षा हॉल में आचरण के लिए परीक्षार्थी बोर्ड के सभी नियमों एवं विनियमों द्वारा नियमित हैं। अनुचित साधनों के सभी मामलों का फैसला बोर्ड के नियमों एवं विनियमों के अनुसार होगा।
11. किसी हालत में परीक्षा पुस्तिका और उत्तर-पत्र का कोई भाग अलग न करें।
12. **परीक्षा सम्पन्न होने पर, परीक्षार्थी कक्ष/हॉल छोड़ने से पूर्व उत्तर-पत्र निरीक्षक को अवश्य सौंप दें।** ***परीक्षार्थी अपने साथ इस परीक्षा पुस्तिका को ले जा सकते हैं।***